ଖମ୍ବ ଆଳୁକୁ ମଧ ଦେଶୀ ଆଳୁ ବା ମାଟି ଆଳୁ କୁହାଯାଇଥାଏ । କନ୍ଦା ଫସଲ ମଧ୍ୟରେ ଦେଶୀ ଆଳୁ ଏକ ମୁଖ୍ୟ ଫସଲ । ଏଥିରେ ଅନେକ ପ୍ରକାରର ପୋଷକତତ୍ତ୍ୱ ଭରି ରହିଛି । ସେଥି ମଧ୍ୟରୁ ତନ୍ତୁ, ଶ୍ୱେତସାର, ଭିଟାମିନ୍ 'ଖ' ସହିତ ଧାତବ ଲବଣ ପ୍ରଚୁର ପରିମାଣରେ ଥାଏ । ଏହା ବିଭିନ୍ନ ଦୈନନ୍ଦିନ ଖାଦ୍ୟରେ ମଧ ବ୍ୟବହାର କରାଯାଇଥାଏ । ଏହା ଆଦିବାସୀ ଅଞ୍ଚଳରେ ଚାଷିଭାଇମାନଙ୍କର ଖାଦ୍ୟ ସୁରକ୍ଷା ସଙ୍ଗେ ସଙ୍ଗେ ପୋଷଣ ଓ ଆର୍ଥିକ ସୁରକ୍ଷା ମଧ ସୁଦୃଢ଼ କରିଥାଏ ।

## ଜଳବାୟୁ ଓ ମୃର୍ତ୍ତିକା

ଦେଶୀ ଆଳୁ ଏକ ଲତା ଜାତୀୟ ଗୁଳ୍ମ । ଦେଶୀ ଆଳୁ ସାଧାରଣତଃ ଗ୍ରୀଷ୍ମ ମଣ୍ଡଳୀୟ ଓ ଅଧିକ ଆର୍ଦ୍ରତା ଥିବା ଜଳବାୟୁରେ ଅଧିକ ଅମଳ ଦେଇଥାଏ । ସାଧାରଣତଃ ବାର୍ଷିକ ବୃଷ୍ଟିପାତ ୧୨୦୦ ରୁ ୨୦୦୦ ମିଲି ମିଟର ବର୍ଷା ମାସରେ ସମାନ ଭାବରେ ବାଣ୍ଟି ହେଲେ, ଏହି ଫସଲ ପାଇଁ ଅନୁକୂଳ । ବାଲିଆ, ଦୋରସା, ହାଲୁକା ଅଧିକ ଖତ ଥିବା ମାଟି ଦେଶୀ ଆଳୁ ଚାଷ ପାଇଁ ଉପଯୁକ୍ତ ଅଟେ । ମାଟିର ଅମ୍ଳତା ୫ ରୁ ୭ ମଧ୍ୟରେ ରହିଲେ ଏବଂ ମାଟିରେ ଅଧିକ ପଟାସ ଥିଲେ ଏହି ଚାଷ ଭଲ ହୋଇଥାଏ ।

## ବିଭିନ୍ନ କିସମ

**ଶ୍ରୀରୂପା-** ଅମଳ ଅବଧି ୯-୧୦ ମାସ । ୧୦-୧୨ ଟନ୍ / ଏକର ଅମଳ ମିଳିଥାଏ । ଏହା ଦେଖିବାକୁ ଧଳା ଅଟେ ।

**ଓଡିଶା ଇଲାଇଟ୍-** ଓଡ଼ିଶା ରାଜ୍ୟ ପାଇଁ ଉଭୟ ଜଳ ସେଚିତ ଓ ବର୍ଷା ଜଳରେ ନିର୍ଭର କରୁଥିବା ଜମିପାଇଁ ଉପଯୁକ୍ତ । ଖାଇବାକୁ ମଧ ଭଲ । ଏକର ପ୍ରତି ୧୦-୧୨ ଟନ୍ ଅମଳ ଦେଇଥାଏ ।

**ଶ୍ରୀନିଧି -** ଓଡ଼ିଶା ରାଜ୍ୟ ପାଇଁ ଉଭୟ ଜଳ ସେଚିତ ଓ ବର୍ଷା ଜଳରେ ନିର୍ଭର କରୁଥିବା ଜମିପାଇଁ ଉପଯୁକ୍ତ । ଖାଇବାକୁ ଭଲ । ୧୨-୧୪ ଟନ୍ ଅମଳ ଦେଇଥାଏ ।

## ଲଗାଇବା ସମୟ:

ମଇ ଠାରୁ ଜୁନ୍ ମାସ ଦେଶୀ ଆଳୁ ଲଗାଇବା ପାଇଁ ଉପଯୁକ୍ତ ସମୟ ଅଟେ । ଜଳ ସେଚନ ସୁବିଧା ଥିଲେ ଏହାକୁ ମାର୍ଚ୍ଚ ମାସରୁ ମଧ ଲଗାଯାଇପାରେ ।



## ଜମିପ୍ରସ୍ତୁତି ଓ ଲଗାଇବା ପ୍ରଣାଳୀ

ଦୋରସା, ବାଲିଆ ଦୋରସା ଓ ମଟାଳ ଦୋରସା ମାଟିରେ ଖମ୍ବ ଆଳୁ ଭଲ ବଢିଥାଏ । ଜମିକୁ ଭଲ ଭାବେ ହଳ କରି ଗୁଣ୍ଡ ଚାଷ କରାଯାଏ । ୯୦ ସେ.ମି X ୯୦ ସେ.ମି ବ୍ୟବଧାନରେ ହୁଡ଼ା ଓ ସିଆର ତିଆରି କରାଯାଏ ।

ଲଗାଇବା ପାଇଁ ବଡ ଆଳୁକୁ କାଟି ୪୦-୫୦ ଗ୍ରାମ୍‌ରେ କାଟି ବିହନ ଖଣ୍ଡ ଗୁଡ଼ିକ ପ୍ରସ୍ତୁତ କରାଯାଏ । ଖଣ୍ଡଗୁଡିକୁ ୧୦ ମିନିଟ୍ ପର୍ଯ୍ୟନ୍ତ ହାଣ୍ଡି ଖତରେ ବିଶୋଧନ କରାଯାଏ । ୨ ଦିନ ପର୍ଯ୍ୟନ୍ତ ଛାଇରେ ଶୁଖା ଯାଇଥାଏ । ଏକର ପାଇଁ ପ୍ରାୟ ୫୦୦୦ ଖଣ୍ଡ ବିହନ ଦରକାର । ଏହାକୁ ହୁଡ଼ାରେ କିମ୍ବା କୁଦାରେ ଲଗାଯାଏ ।

## ସାର ପରିଚାଳନା

୪-୫ ଟନ୍ ସଢା ଗୋବର ଖତକୁ ଶେଷ ଓଡ଼ ଚାଷ ବେଳେ ଜମିରେ ପ୍ରୟୋଗ କରିବା ଦରକାର । ୪୮ -୯୦-୧୨୦ କି.ଗ୍ରା ହିସାବରେ ଯବକ୍ଷାରଜାନ-ଫସ୍‌ଫରସ୍-ପୋଟାସ୍ ସାର ୧ ଏକର ପ୍ରତି ଦରକାର ହୋଇଥାଏ । ଏଥିପାଇଁ ସମସ୍ତ ଫସ୍‌ଫରସ୍, ୫ କି.ଗ୍ରା ବୋରାକ୍ସ, ୩ କି.ଗ୍ରା ଜିଙ୍କ୍ ସଲ୍‌ଫେଟ୍, ୩ କି.ଗ୍ରା ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍‌କୁ ଶେଷ ଓଡ଼ଚାଷ ପୂର୍ବରୁ ଖତ ସହ ମିଶାଇ ପ୍ରୟୋଗ କରାଯାଏ । ଏକ ତୃତୀୟାଂଶ ଯବକ୍ଷାରଯାନ ଓ ପୋଟାସ ସାରକୁ ଯଥାକ୍ରମେ ଲଗାଇବାର ୩୦, ୬୦ ଓ ୯୦ ଦିନ କୋଡ଼ା ଖୁସା ପରେ ପ୍ରୟୋଗ କରି ମାଟି ଟେକି ଦେଲେ ଅଧିକ ଫଳପ୍ରଦ ହୋଇଥାଏ ।

## ଘାସ ପରିଚାଳନା

ଲଗାଇବାର ୩୦, ୬୦ ଓ ୯୦ ଦିନରେ କୋଡ଼ା ଖୁସାକରି ଘାସ ବାଛି ଦେବା ଦରକାର । ୧ ଲିଟର ପାଣିରେ ୩ ମି.ଲି ପେଣ୍ଡିମେଥାଲିନ୍ ପରି ଘାସମରା ଔଷଧ, କନ୍ଦ ଲଗାଇବାର ୩ ରୁ ୪ ଦିନପରେ ମାଟି ବତର ଥିବା ଅବସ୍ଥାରେ ପ୍ରୟୋଗ କଲେ ଅନେକାଂଶରେ ଘାସ ରୁ ରକ୍ଷା ମିଳେ ।

## ଜଳସେଚନ ପରିଚାଳନା

ସଧାରଣତଃ ଦେଶୀଆଳୁ ଶୁଖା ଓ ପାଣି ଅଭାବ ଜନିତ ମରୁଡି ସହଣୀ ଶକ୍ତି ଥାଏ । ଅଧିକ ପାଣି ଏହି ଫସଲ ପାଇଁ କ୍ଷତିକାରକ ଅଟେ । କିନ୍ତୁ ଲଗାଇବାର ଆରମରେ ୧୦ ରୁ ୧୫ ଦିନ ଭିତରେ ବର୍ଷା ନହେଲେ ଜଳସେଚନର ଆବଶ୍ୟକତା ଥାଏ । ଥରେ ମୌସୁମୀ ବର୍ଷା ଆସିଲେ, ଏହି ଫସଲ ପାଇଁ ଆଉ ଜଳସେଚନର କୌଣସି ଆବଶ୍ୟକତା ରୁହେ ନାହିଁ । ଅଧିକ ଜଳ ହେଲେ, ଜଳ ନିଷ୍କାସନର ଆବଶ୍ୟକତା ପଡିଥାଏ ।



## ରୋଗ ଓ ପୋକ ପରିଚଳନା

### ରୋଗ



**ଆନ୍ଥ୍ରାକନୋଜ୍:** ଏକ କବକଜନିତ ରୋଗ, ଯାହା ଫଳରେ ପତ୍ରରେ ଦାଗ ସୃଷ୍ଟି ହୁଏ ଓ ଦାଗ ଗୁଡିକ ମିଶି ଯାଇ ବାଦାମି ଓ କଳା ରଙ୍ଗ ହୋଇଥାଏ, ଫଳରେ ପତ୍ର ଝଡ଼ିଯାଏ ଏବଂ ବୃଦ୍ଧି ବାଧାପ୍ରାପ୍ତ ହୋଇଥାଏ । ନିମ୍ବ ତେଲ ୫ ମିଲି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଇଥାଏ ।



**ପତ୍ର ଦାଗ:** ଏହି ରୋଗ କବକ ଦ୍ୱାରା ହୋଇଥାଏ, ଏହା ହେଲେ ପତ୍ରରେ ଦାଗ ଦେଖାଯାଏ ଓ ଗୁରୁତର କ୍ଷେତ୍ରରେ ପତ୍ର ଅକାଳରେ ଝଡ଼ିଯାଏ । ନିମ୍ବ ତେଲ ୫ ମିଲି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଇଥାଏ ।

**କୋଲାର ରଟ୍ ବା କାଣ୍ଡ ପଚା ରୋଗ :** ଏକ ବିନାଶକାରୀ କବକ ରୋଗ ଯାହାଦ୍ୱାରା ମାଟିର ପାଖାପାଖି ଗଛର କାଣ୍ଡ ବା ଲତା ପଚି ଯାଇଥାଏ ଓ ତଙ୍କ ମରିଯାଏ । ଫଳରେ ଉତ୍ପାଦନ ଯଥେଷ୍ଟ ପରିମାଣରେ କମିଯାଏ । ଏହାର ନିରାକରଣ ପାଇଁ ହାତିଖଣ୍ଡ ପ୍ରୟୋଗ କରାଯାଇଥାଏ ।



**ଶୁଷ୍କ ପଚା ରୋଗ :** ଏହା କବକ ଦ୍ୱାରା ହୁଏ, ଏଥିରେ କନ୍ଦର କ୍ଷତି ହୋଇଥାଏ ଏବଂ କନ୍ଦରେ କଳା କଳା ଶୁଷ୍କ ପଚା ଦାଗସବୁ ଦେଖା ଯାଇଥାଏ । ଫଳରେ ଆଳୁର ବଜାର ଚାହିଦା କମିଯାଇଥାଏ ।



**ଭୁତାଣୁ ଜନିତ ରୋଗ :** ଭୂତାଣୁ ବା ଭାଇରସ୍ ରୋଗ ହେଲେ ପତ୍ର ବିକୃତ, କୁଞ୍ଚିତ ହେବା ସଙ୍ଗେ ସଙ୍ଗେ ନେକ୍ରୋସିସ୍ ବା କଳା ଦାଗ ସୃଷ୍ଟି କରନ୍ତି। ଏଗୁଡ଼ିକ ପ୍ରାୟତଃ ଏଫିଡ୍ ଏବଂ ମିଲିବଗ୍ ଭଳି ଶୋଷକ ପୋକ ଦ୍ୱାରା ବ୍ୟାପିଥାଏ । ଏହାର ନିୟନ୍ତ୍ରଣ ପାଇଁ ନିମାସ୍ତ୍ର ବ୍ୟବହାର କରାଯାଇଥାଏ ।

## କୀଟପତଙ୍ଗ

**ନେମାଟୋଡ୍ :** ଏହି ସୂତ୍ରଜୀବ ଏକ ପ୍ରମୁଖ ଅନିଷ୍ଟକାରକ ଅଟେ ଯାହା କନ୍ଦର କୋଷକୁ କ୍ଷତି ପଞ୍ଚାଇଥାଏ ଏବଂ କନ୍ଦରେ ବାଦାମୀ ରଙ୍ଗ ସୃଷ୍ଟି କରେ । ଏହା ଚେରରେ ଛୋଟ ଛୋଟ ଗୋଲାକାର ଗଣ୍ଠି ସୃଷ୍ଟି କରିଥାଆନ୍ତି । ପ୍ରତି ଗାତ ୨୦୦ରୁ ୩୦୦ ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କଲେ, ଏହାର ପ୍ରାର୍ଦୁଭାବ କମ୍ ହୋଇଥାଏ ।

**ୟାମ୍ ବିଟଲ୍:** ବୟସ୍କ ବିଟଲ୍ ବା ପୋକ ମାଟିରେ ଗାତ କରି ରାହିଥାନ୍ତି । ପତ୍ରକୁ କଣା କରି ଏବଂ କନ୍ଦକୁ କଣା କରି ଖାଇଥାନ୍ତି । ଫଳରେ କନ୍ଦରେ ଗାତ ସୃଷ୍ଟି ହୋଇଥାଏ ଓ ପରେ ପରେ କନ୍ଦଟି ପଚି ଯାଇଥାଏ । ଗଛଗୁଡ଼ିକ ଶୁଖିଯିବା ସହ ମରି ଯାଇଥାନ୍ତି । ଏହାର ନିରାକରଣ ପାଇଁ ନିମାସ୍ତ୍ର ବା ଆଗ୍ନେୟାସ୍ତ୍ର ପ୍ରୟାଗ କରାଯାଇଥାଏ ।





**ମିଲିବଗ୍ :** ଏହି କୀଟପତଙ୍ଗଗୁଡ଼ିକ ଗଛର ପତ୍ର ଓ ଲଟାରୁ ରସ ଶୋଷିକୁ ଖାଇଥାନ୍ତି, ଫଳରେ ଗଛ ରୋଗିଣା ଦେଖା ଯାଇଥାଏ ଏବଂ ଏହାର ଶୋଷଣ ଦ୍ୱାରା ମଧ ଭାଇରସ୍ ଜନିତ ରୋଗ ହୋଇଥାଏ । ପତ୍ରରେ ସର୍ଫ ମିଶ୍ରିତ ପାଣି ସିଞ୍ଚନ କରାଯାଇପାରେ ବା ପାଉଁଶ ଛିଞ୍ଚା ଯାଇପାରେ ।






**ପତ୍ର କାଟିବା ପିମ୍ପୁଡ଼ି :** ଏହି ପିମ୍ପୁଡି ପତ୍ର ଓ ଲଟା କାଟି ଗଛକୁ କ୍ଷତି ପହଞ୍ଚାଇଥାନ୍ତି ।

**ଆଫିଡ୍ :** ଏମାନେ ଖମ୍ବଆଳୁର ବିଭିନ୍ନ ଭାଇରସ୍ ରୋଗର ବାହକ ଅଟନ୍ତି । ଏମାନେ ପତ୍ର , ଲଟା ଓ ଡଙ୍କର ରସ ଶୋଷି ଖାଇଥାନ୍ତି ।

**ଅମଳ-**ଏହାର ହାରାହାରି ଅମଳ ଏକର ପ୍ରତି ୮ ରୁ ୧୦ଟନ୍ ପର୍ଯ୍ୟନ୍ତ ହୋଇଥାଏ ।

# ଉନ୍ନତ ପ୍ରଣାଳୀରେ ଖମ୍ବ ଆଳୁ ଚାଷ









ହାଉସିଂ ବୋର୍ଡ କୋଲନୀ, ପୋ/ଜିଲ୍ଲା-ରାୟଗଡା, ଓଡିଶା
ପିନ୍- ୭୭୫୦୦୧
ଫୋନ୍ ନଂ.- ୦୭୮୫୭-୩୫୯୮୩୮

e-mail-shaktiorg@gmail.com,
www.shaktiorg.com
http://shaktiorg.blogspot.in